## ସଂକ୍ଷେପରେ

### ନୂତନ ହାଟ ଉଦ୍‌ଘାଟିତ

ତାଳଚେର,୨।୧୦(ନି.ପ୍ର.)- ତାଳଚେର ବ୍ଲକ ଗୋବରା ଗ୍ରାମଠାରେ ପ୍ରଥମ ଥର ପାଇଁ ଏକ ନୂତନ ହାଟ ଆରମ୍ଭ ହୋଇଛି। ପ୍ରତି ସପ୍ତାହର ମଙ୍ଗଳବାର ଏହି ହାଟ ବସିବ। ଗ୍ରାମ ସଭାପତି ଶୁକଦେବ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ସାମାଜିକ କର୍ମୀ କ୍ଷୀରୋଦ ସାହୁ, ପୂର୍ବତନ ସରପଞ୍ଚ ହିମାଂଶୁ ସାହୁ, କଳମଛୁଇଁ ଗ୍ରାମର ବରିଷ୍ଠ ନାଗରିକ ଜୀବନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ହାଟ ଦ୍ୱାରା ଆଖପାଖ ଗ୍ରାମାଞ୍ଚଳର ଜନସାଧାରଣ ଉପକୃତ ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଆଇନଜୀବୀ ରାମଚନ୍ଦ୍ର ସ୍ୱାଇଁ, ନବକିଶୋର ପ୍ରଧାନ, ଉଦୟନାଥ ଗଡନାୟକ, ଚିତ୍ତରଞ୍ଜନ ପ୍ରଧାନ, ଦୁର୍ଲଭ ସାହୁ, ସାଧବ ସାହୁଙ୍କ ସମେତ ଗ୍ରାମବାସୀ ଓ ଗ୍ରାମ କମିଟିର ସଦସ୍ୟ ଏବଂ ଆଖପାଖ ଗ୍ରାମର ଜନସାଧାରଣ ଉପସ୍ଥିତ ଥିଲେ। ପ୍ରଥମ ଥର ଆରମ୍ଭ ହୋଇଥିବା ଏହି ହାଟରେ ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ବ୍ୟବସାୟ କରିଥିଲେ।

### ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

ତାଳଚେର୨।୧୦(ନି.ପ୍ର.)- ତାଳଚେରସ୍ଥିତ ଜଗନ୍ନାଥ ଡିଏଭି ସ୍କୁଲରେ ମହାତ୍ମା ଗାନ୍ଧୀ ଓ ଲାଲବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ଚିତ୍ତରଞ୍ଜନ ଚକ୍ରବର୍ତ୍ତୀ ଉଭୟ ଜନନାୟକଙ୍କ ତ୍ୟାଗପୂତ ଜୀବନୀ ଉପରେ ଆଲୋକପାତ କରିଥିଲେ। ସେହିପରି ଗଡତଳ ଆଞ୍ଚଳିକ ମହାବିଦ୍ୟାଳୟରେ ମୁଖ୍ୟଅତିଥି ଭାବେ ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଏନ.ସି. କର, ମୁଖ୍ୟବକ୍ତା ଭାବେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଦିଲୀପ ପ୍ରଧାନ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଉପେନ୍ଦ୍ର ପରିଡା, ବିଦ୍ୟାଳୟର ପ୍ରତିଷ୍ଠାତା ଉଗ୍ରସେନ ବେହେରା ପ୍ରମୁଖ ଯୋଗଦେଇ ଥିଲେ। କଲେଜ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପାଇକରାୟ ଅଧ୍ୟକ୍ଷତା କରିଥିଲେ। ପଥପ୍ରାନ୍ତ ନାଟକ ମାଧ୍ୟମରେ ପରିବେଶ ସଫା ସୁତୁରା ରଖିବା, ପ୍ଲାଷ୍ଟିକ ବର୍ଜନ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMBBS2019046, ତା: 27.09.2019
**କାର୍ଯ୍ୟର ନାମ :** ତାଳଚେର ଠାରେ କଣିହାଁ NTPC ସାଇଡ଼ିଂ ସମ୍ବନ୍ଧୀୟ 25KV OHE ବିଦ୍ୟୁତୀକରଣ : ଗୁରୁଜଙ୍ଗ ଗ୍ରାମ ନିକଟରେ NTPC କଣିହାଁ ସାଇଡ଼ିଂର କି.ମି. 22/1-2 ଠାରେ ବର୍ତ୍ତମାନ ଥିବା ରୋଡ଼୍ ଓଭର ବ୍ରିଜ୍ (1x15.20M SPAN ଏବଂ 8.50 M ମୋଟ୍ ଚଉଡ଼ା, RCC ଟି-ବିମ୍ ଗର୍ଡ୍‌ର) କୁ ଭାଙ୍ଗିବା ଏବଂ ଆର୍‌ଡ଼ିଏସ୍‌ଓ ଅନୁମୋଦିତ ନକ୍ସା ଅନୁଯାୟୀ ହାଇଟ୍ ଗଜ୍‌ର ବ୍ୟବସ୍ଥା କରି ସ୍ଥାପନା କରିବା ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 257.34 ଲକ୍ଷ, EMD : ₹2,78,700.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹11,800.00, କାର୍ଯ୍ୟ ସମାପ୍ତିର ଅବଧି : 06(ଛଅ)ମାସ।
**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 21.10.2019ର 1200 ଘ. ରେ
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର
PR-57/CC/19-20


■ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜିଲାସ୍ତରୀୟ ଜୟନ୍ତୀ

# ଗାନ୍ଧୀ ତତ୍ତ୍ୱ ଅନୁସରଣ କରିବାକୁ ପରାମର୍ଶ

**ଅନୁଗୋଳ ଅଫିସ, ୨।୧୦**


ଗାନ୍ଧୀ ଜୟନ୍ତୀ ଅବସରରେ ପଦଯାତ୍ରା।

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜିଲାସ୍ତରୀୟ ୧୫୦ ତମ ଜୟନ୍ତୀ ସମାରୋହ ବୁଧବାର ଜିଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲା ପର୍ଯ୍ୟଟନ ବିଭାଗ ଓ ଜିଲା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ମନୋଜ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଗାନ୍ଧୀ ତତ୍ତ୍ୱକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଇତିହାସ ବିଭାଗ ପ୍ରଧାପକ ପ୍ରଫେସର ପ୍ରୀତିଷ ଚନ୍ଦ୍ର ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗାନ୍ଧିଜୀଙ୍କ ଆଦର୍ଶକୁ ଅନୁସରଣ ସହ ଶିକ୍ଷକମାନଙ୍କ ନିକଟରେ ସ୍ୱାଧୀନ ଭାବେ ମତାମତ ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶାନ୍ତନୁ କୁମାର ସର ଗାନ୍ଧୀବାଦର ଆବଶ୍ୟକତା ଓ ପ୍ରାସଙ୍ଗିକତା ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଗାନ୍ଧିଜୀଙ୍କ ଆତ୍ମଜୀବନୀ ଯୁବପିଢ଼ୀ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସମ୍ପାଦକ ହେମନ୍ତ କୁମାର ଦାସ ଯୋଗଦେଇଥିଲେ। ଜିଲା ସାହିତ୍ୟ ସଂସଦ ସଭାପତି କୁମୁଦ ଚନ୍ଦ୍ର ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଜିଲା ସାହିତ୍ୟ ସଂସଦ ଦ୍ୱାରା ଗାନ୍ଧିଜୀଙ୍କ ସମ୍ପର୍କରେ ଗାନ୍ଧୀମହାତ୍ମା ଶୀର୍ଷକ ପୁସ୍ତକ ଉନ୍ମୋଚନ ହୋଇଥିଲା। ଜିଲା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରତ୍ୟୁଷା ଅମାନ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଦାୟିତ୍ୱରେ ଥିବା ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦିଶ ରାଏ ଓ ଜିଲା ଗ୍ରନ୍ଥାଗାରିକ ଲକ୍ଷ୍ମୀ ପ୍ରସାଦ ଦ୍ୱିବେଦୀ ପରିଚାଳନା କରିଥିଲେ। ଏହି ଅବସରରେ ନାଟକ, ନୃତ୍ୟ, ଜଣା ଅଜଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ହୁଲୁରୁସିଂହା ଠାରୁ ଶିମିଳିପଡ଼ା ରାସ୍ତାକୁ ଗାନ୍ଧୀ ମାର୍ଗ ନାମକରଣ ସହ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ବିଶିଷ୍ଟ ବ୍ୟକ୍ତି, ଗାନ୍ଧିବାଦୀ, ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା, ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଅପରାହ୍ନରେ କବିତା ପାଠୋତ୍ସବ ଜିଲା ସାହିତ୍ୟ ସଂସଦ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ ଜଣ କବି ଓ କାବୟିତ୍ରୀ ଅଂଶ ଗ୍ରହଣ କରିଥିଲେ। ସେହିପରି ୧୯୩୪ ମସିହା ମେ ୫ ତାରିଖରେ ଗାନ୍ଧିଜୀ ବାମୁର ଠାରେ ରାତ୍ରିଯାପନ କରିଥିବାରୁ ସେଠାରେ ବୁଧବାର ଠାରୁ ଗୁରୁବାର ଦୁଇ ଦିନ ବ୍ୟାପି ଗାନ୍ଧୀ ଜୟନ୍ତୀ ପାଳନ କରାଯାଉଛି। ଶେଷରେ ଜିଲା ସାହିତ୍ୟ ସଂସଦର ସମ୍ପାଦକ ରାଧାକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ବେଳେ ସମ୍ମାନିତ ଅତିଥି ଥିବା ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ନିଜ ଉଦ୍‌ବୋଧନରେ ମୁଖ୍ୟଅତିଥି ତଥା ଜିଲାପାଳଙ୍କୁ ପୂଜ୍ୟଶ୍ପଦ ବୋଲି କହିବା ଓ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜୟନ୍ତୀ ଉତ୍ସବ ପାଳନ ହେଉଥିଲେ ବି ଲାଗିଥିବା ବ୍ୟାନରରେ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ସମ୍ମିଳନୀ ଲେଖାଯାଇଥିବା ଚର୍ଚ୍ଚାର ବିଷୟ ହୋଇଥିଲା। ସେହିପରି ପୂର୍ବାହ୍ନରେ ଗାନ୍ଧିପାର୍କ ଠାରେ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ମହାନ୍ତି ମୁଖ୍ୟଅତିଥି ଓ ସମ୍ମାନିତ ବକ୍ତା ଭାବେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ କୁମୁଦ ଚନ୍ଦ୍ର ଦାସ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଗୀତା, ବାଇବେଲ, କୋରାନ ପାଠ କରାଯାଇଥିଲା।

## 'ଯୁବପିଢ଼ି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ'

**ଅନୁଗୋଳ ଅଫିସ, ୨।୧୦**

ଅନୁଗୋଳ ଜିଲା ଚମ୍ପତିମୁଣ୍ଡାଠାରେ ଥିବା ଜବାହର ନବୋଦୟ ବିଦ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜୟନ୍ତୀ ବର୍ଷ ଆୟୋଜନ ସମିତିର ଆବାହକ ଅଦ୍ୟାଶ୍ଳୋକ ମିଶ୍ର ଏହାକୁ ପରିଚାଳନା କରିଥିଲେ। ଏହି ଅବସରରେ ଯୋଗଦେଇଥିବା ଅତିଥିମାନେ କହିଥିଲେ ଯେ, ଯୁବ ପିଢ଼ି ଗାନ୍ଧିଜୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଶ୍ୱରେ ଆମ ଦେଶର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ। ପରେ ୪୯୦ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଗାନ୍ଧିଜୀଙ୍କ ଜୀବନ ଆଧାରିତ ଚଳଚ୍ଚିତ୍ର ଓ ଫଟୋଚିତ୍ର ପ୍ରଦର୍ଶନ ସହ ଛବୀନ୍ଦ୍ର ନାୟକ ଅରଟରେ ସୂତା କାଟିଥିଲେ। ସାଧାରଣ ସଭାରେ ବିଦ୍ୟାଳୟ ଅଧ୍ୟକ୍ଷ ରୁଦ୍ରପ୍ରତାପ ସାହୁ ଅଧ୍ୟକ୍ଷତା କରିଥିଲେ। ଉପାଧ୍ୟକ୍ଷା ଗୀତା ପଟ୍ଟନାୟକ, ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ସାମାଜିକ କର୍ମୀ କଲ୍ୟାଣ କିଶୋର ମହାନ୍ତି ପ୍ରମୁଖ ଆଲୋଚନା ଚକ୍ରରେ ଭାଗ ନେଇଥିଲେ। ନିରୋଧ କୁମାର ସାହୁ ପରିଚାଳନା କରିଥିଲେ। ଚିତ୍ରଶିଳ୍ପୀ ସାଥୀ ବିଦ୍ୟାଧର ନାୟକ ରାମଧୁନ ଗାନ କରିଥିଲେ।

## ଗାନ୍ଧିଜୀଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ



ଓ.ପି. ଜିନ୍ଦଲ ସ୍କୁଲରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ।

**ଅନୁଗୋଳ ଅଫିସ, ୨।୧୦**

ଅନୁଗୋଳ ଜିନ୍ଦଲ ନଗରସ୍ଥିତ ଓ.ପି. ଜିନ୍ଦଲ ସ୍କୁଲ ପରିସରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ପରେ ରାମଧୂନ୍ ଗାନ କରାଯାଇଥିଲା। ବକ୍ତାଭାବେ ବିଦ୍ୟାଳୟ ଗଣିତ ବିଭାଗ ମୁଖ୍ୟ ଅଧାପକ ଡ. ଅରୁଣ କୁମାର ଦାଶ ଓ ଦେବାଶିଷ ଦତ୍ତ ଗାନ୍ଧିଜୀଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବକ୍ତୃତା, ପ୍ରଶ୍ନମଞ୍ଚ ଓ କ୍ଷୁଦ୍ର ନାଟକ ମଞ୍ଚସ୍ଥ କରାଯାଇଥିଲା। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ଛନ୍ଦାଚରଣ ଦାଶ ଗାନ୍ଧିଜୀଙ୍କ ବିଚାରକୁ ନିଜ ଆଚରଣରେ ପ୍ରତିଫଳିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଶିକ୍ଷକ ଡ. ଇମରାନ୍ ପରଭେଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ଇମରାନ୍ ଓ ଲିଲି ମହନ୍ତ ପ୍ରଶ୍ନମଞ୍ଚ ପ୍ରତିଯୋଗିତା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଓ ସଂଯୋଜିକା ସଙ୍ଗୀତା ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ସୁସ୍ଥ ସମାଜ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ


ଆଦର୍ଶ ଇଣ୍ଟର ନ୍ୟାଶନାଲ ସ୍କୁଲରେ ଗାନ୍ଧୀ ଜୟନ୍ତୀ।

**ଅନୁଗୋଳ ଅଫିସ, ୨।୧୦**

ଅନୁଗୋଳସ୍ଥିତ ଆଦର୍ଶ ଇଣ୍ଟର ନ୍ୟାଶସନାଲ ସ୍କୁଲରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ମହେଶ ଚନ୍ଦ୍ର ଧଳ ମୁଖ୍ୟଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼, ଉପାଧ୍ୟକ୍ଷ ବିଜୟ କୁମାର ଦାସ, ବରିଷ୍ଠ ଶିକ୍ଷକ ଅଜୟ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ ଓ ସୁସ୍ଥ ସମାଜ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଉପରେ ମତବ୍ୟକ୍ତ କରିଥିଲେ। ସଙ୍ଗୀତ ଶିକ୍ଷକ ବିପିନି ବିହାରୀ ଦାସ, ନୃତ୍ୟ ଶିକ୍ଷୟିତ୍ରୀ ଅନିତା ରାଜଗୁରୁ, ଶିକ୍ଷୟିତ୍ରୀ ସରିତା ରାଜଗୁରୁ, ଲୋପାମୁଦ୍ରା ମିଶ୍ର ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶିକ୍ଷୟିତ୍ରୀ ସ୍ମୃତିସ୍ନିଗ୍ଧା ସ୍ୱାଗତ ଭାଷଣ ଦେଇଥିବାବେଳେ ରେଣୁବାଳା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଚେତନ କଲା ମହିଳା କଂଗ୍ରେସ

**ଅନୁଗୋଳ ଅଫିସ, ୨।୧୦**

ଅନୁଗୋଳ ଗାନ୍ଧୀପାର୍କ ଠାରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ରାଣୀ ଧୀରଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ଏହି ଅବସରରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ନିଶାମୁକ୍ତ ଓଡ଼ିଶା ଗଠନ ସମ୍ପର୍କରେ ସଚେତନ କରାଯାଇଥିଲା। ସେହିପରି ଥାନା ଛକ ଠାରେ ଲୋକମାନଙ୍କୁ ସଡ଼କ ସୁରକ୍ଷା ଜୀବନ ରକ୍ଷା ବିଷୟରେ ସଚେତନ କରାଯାଇଥିଲା। ଅନୁଗୋଳ ଥାନା ସବଇନ୍ସପେକ୍ଟର ସୌମ୍ୟା ରାୟ ଉପସ୍ଥିତ ଥିଲେ। ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ସୁକାନ୍ତି ଦାଶ, ଲୁଲୁ ପାଣିଗ୍ରାହୀ, ବଳବୀର ସିଂ, ସୁନୀଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


**UTKAL UNIVERSITY**
VANI VIHAR, BHUBANESWAR - 751004, ODISHA, INDIA
Category I University with graded Autonomy by MHRD
**WALK-IN-INTERVIEW**
No. Estt-II / 1183 (Pt.) / 28531/ 2019 Dated: 01.10.2019
Interested candidates having B.Sc. Nursing from any recognized Institution may attend the **walk-in-interview on 22.10.2019 at 11.00 AM** for engagement of one Nurse in the University Health Centre, Utkal University with a consolidated remuneration of ₹ 13,500/- per month. The engagement is purely temporary for a period of one year. Candidates are required to come with their Bio-data along with self attested copies of certificates and original certificates and report between 10.00 AM to 11.00 AM in the University Health Centre for verification.
No TA / DA will be paid for the purpose.
Sd/- REGISTRAR

**୧୪ତମ ଜନ୍ମଦିନ ଶୁଭେଚ୍ଛା**
ଅମିୟ ପ୍ରସାଦ ପ୍ରିୟଦର୍ଶୀ ନାୟକ (ପ୍ରିନ୍ସ)
ଜଗତ୍‌ସିଂହପୁର(ପ୍ରହରାଜପୁର-ମଣ୍ଡାସାହି)
ତୁମର ଚଲାପଥ କୁସୁମିତ ହେବା ସହ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ, ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥ, ମା' ତାରିଣୀ ଓ ସାଇବାବାଙ୍କ ନିକଟରେ ପ୍ରାର୍ଥନା।
ଶୁଭେଚ୍ଛା ସହ:
ଜେଜେମା', ଦାଦା, ଖୁଡ଼ୀ, ପିଇସା, ପିଇସୀ, ବାପା ଓ ମମି।
Ph: 9556972120, 9937796500
ଧ-୧୪୫୮୧

ଓଡ଼ିଶା ସରକାର
ଶ୍ରୀକ୍ଷେତ୍ର ପୁରୀରେ ପବିତ୍ର କାର୍ତ୍ତିକ ମାସରେ "ରାଇଦାମୋଦର ବ୍ରତ" ପାଳନ କରିବା ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ହବିଷ୍ୟାଳୀମାନଙ୍କ ରହିବା, ଜଗନ୍ନାଥ ଦର୍ଶନ କରିବା ଓ ମହାପ୍ରସାଦ ସେବନ ତଥା ଅନ୍ୟାନ୍ୟ ବ୍ୟବସ୍ଥା ଜିଲ୍ଲା ପ୍ରଶାସନ, ପୁରୀଙ୍କ ସହାୟତାରେ କରାଯାଉଅଛି ।
ଆଗ୍ରହୀ ମା' ମାନେ ସେପ୍ଟେମ୍ବର ମାସ ୩୦ ତାରିଖଠାରୁ ଅକ୍ଟୋବର ୧୧ ତାରିଖ ୨୦୧୯ ମଧ୍ୟରେ ନିଜ ନିଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କିମ୍ବା ହ୍ୱାଟସ୍‌ଆପ ନଂ- ୯୦୪୦୪୯୯୫୦୬ ରେ ପଞ୍ଜୀକୃତ କରିବାପାଇଁ ଅନୁରୋଧ ।
ଅଧିକ ବିବରଣୀ ପାଇଁ ନିମ୍ନଲିଖିତ ଦୂରଭାଷରେ ଯୋଗାଯୋଗ କରନ୍ତୁ ।
ଦୂରଭାଷ: ୦୬୭୫୨ - ୨୨୨୬୬୪
ଇମେଲ୍ : touristofficepuri@gmail.com

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**
ସ୍ୱର୍ଗତ ଅମ୍ବିକା ଚରଣ ପଟ୍ଟନାୟକ
Plot- 4971/10, V.S.S Nagar, Bhubaneswar
ଆବିର୍ଭାବ: ୩୧।୦୩।୧୯୩୭
ତିରୋଧାନ:୦୩।୧୦।୨୦୧୮
ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ଆମମାନଙ୍କୁ ଦୁଃଖ ସାଗରରେ ଛାଡ଼ି ଚାଲିଗଲ କେଉଁ ଅଜଣା ଦୁନିଆକୁ। ତୁମର ସେହି ହସ ହସ ମୁହଁ, ସ୍ନେହଭରା କଥା, ସମୟୋଚିତ ଶିକ୍ଷା ଆଜି ମଧ୍ୟ ଅଲିଭା ହୋଇ ରହିଅଛି ଆମମାନଙ୍କ ମନରେ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, କନ୍ୟା, ବନ୍ଧୁ ଓ ପରିବାରବର୍ଗ।
ଧ-୧୪୬୨୩

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
✓ କୃଷ୍ଣଚନ୍ଦ୍ର ପାଣିଙ୍କ
ଆବିର୍ଭାବ : ତା.୧୫-୦୫-୧୯୦୭ ମସିହା
ତିରୋଧାନ:ତା.୨୨-୦୯-୨୦୧୯ ରିଖ ରବିବାର
ଧ-୧୪୬୨୪

## ସଂକ୍ଷେପରେ

### ଅନୁଗୋଳ ଡାକଘରର ୪୦ତମ ପ୍ରତିଷ୍ଠା ଦିବସ

**ଅନୁଗୋଳ ଅଫିସ, ୨।୧୦:** ଅନୁଗୋଳ ମିଶ୍ରପଡ଼ାସ୍ଥିତ ଏକ ଘରୋଇ ମଣ୍ଡପରେ ଅନୁଗୋଳ ମୁଖ୍ୟ ଡାକଘରର ୪୦ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଢେଙ୍କାନାଳ ଡାକ ଡିଭିଜନ ଅଧୀକ୍ଷକ ବିପିନି ବିହାରୀ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଅନୁଗୋଳ ମୁଖ୍ୟ ଡାକଘରକୁ ଆଧୁନିକୀକରଣ କରାଯିବା ସହ ଗ୍ରାହକ ସେବାକୁ କିଭଳି ତ୍ୱରାନ୍ୱିତ କରାଯାଇପାରିବ ସେ ନେଇ ମୁଖ୍ୟଅତିଥି ମହାନ୍ତି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଭିନେତା ଅଶୋକ ଦାସ ଯୋଗଦେଇ ଅନୁଗୋଳ ଡାକଘରକୁ ଏକ ଆଦର୍ଶ ଡାକଘରରେ ପରିଣତ କରିବା ପାଇଁ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଡାକ ଅଧୀକ୍ଷକ ଭାଗୀଧର ଦାସ, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ମୁଖ୍ୟ ପ୍ରଶିକ୍ଷକ ମୁରଲୀଧର ସାହୁ, ଅନୁଗୋଳ ଡାକପାଳ ସୁଶାନ୍ତ କୁମାର ପାଣିଗ୍ରାହୀ, ଭାରପ୍ରାପ୍ତ ସହକାରୀ ଡାକ ଅଧୀକ୍ଷକ ସଞ୍ଜୀତ ଶତପଥୀ, ଡାକ ନିରୀକ୍ଷକ ରାଜେନ୍ଦ୍ର ପ୍ରସାଦ ଦାଶ, ସଞ୍ଜୀବ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସିଷ୍ଟମ ଆଡମିନିଷ୍ଟ୍ରେଟର ସରୋଜ କୁମାର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍ଥାନୀୟ ଡାକ କର୍ମଚାରୀ ଓ ପରିବାର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ହାତୀ ଆକ୍ରମଣରେ ଯୁବକ ଗୁରୁତର

**ଛେଣ୍ଡିପଦା, ୨।୧୦(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ପାଟକୁମୁଣ୍ଡା ଗ୍ରାମର ଝାରୁ ବେହେରା ହାତୀ ଆକ୍ରମଣରେ ବୁଧବାର ଗୁରୁତର ହୋଇଛନ୍ତି। ବନବିଭାଗ କହିବା ଅନୁଯାୟୀ, ଝାରୁ ଘର ନିକଟସ୍ଥ ପୋଖରୀରୁ ଶୌଚ ହୋଇ ଫେରୁଥିବା ବେଳେ ପୋଖରୀ ହୁଡା ନିକଟରେ ଏକ ଦନ୍ତା ସହ ମୁହାଁମୁହିଁ ହୋଇଯାଇଥିଲେ। ଫଳରେ ହାତୀଟି ତାଙ୍କୁ ଶୁଣ୍ଢରେ ଟେକି ଫୋପାଡି ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସରେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଛେଣ୍ଡିପଦା ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଡଙ୍ଗାପାଳ ଜଙ୍ଗଲକୁ ଘଉଡ଼ାଇ ଥିଲେ। ଫରେଷ୍ଟର କଳାକାର ପ୍ରଧାନ ଡାକ୍ତରଖାନାରେ ପହଞ୍ଚି ଝାରୁଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

### ଦୁର୍ଗା ପୂଜା ପାଇଁ ପ୍ରସ୍ତୁତି

**ବଣ୍ଟାଁରପାଳ, ୨।୧୦(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ଅନ୍ତର୍ଗତ ସଞ୍ଚପଡା ଗ୍ରାମରେ ଆସନ୍ତା ୪ ତାରିଖଠାରୁ ଦୁର୍ଗାପୂଜା ପାଳିତ ହେବ। ଏ ନେଇ ଗ୍ରାମବାସୀ ତଥା ଦୁର୍ଗା ପୂଜା କମିଟି ପକ୍ଷରୁ ବୁଧବାର ଏକ ପ୍ରସ୍ତୁତି ବୈଠକ ବସିଥିଲା। କମିଟି ସଭାପତି ଶିବରାମ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୂଜାକୁ କିପରି ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯିବ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଆସନ୍ତା ୫ ତାରିଖରେ ଏକ ରକ୍ତଦାନ ଶିବିର ସହ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ପୂଜା କମିଟିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

# ଅହିଂସାକୁ ଆପଣାଇଲେ ଅଖଣ୍ଡ ସମାଜ ଗଠିତ ହେବ

**କାମାକ୍ଷାନଗର/ଭୁବନ,୨।୧୦(ଡି.ଏନ.ଏ)**



କାମାକ୍ଷାନଗରଠାରେ ଆୟୋଜିତ ସଭାରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଜିଲା କାମାକ୍ଷାନଗର ବାପୁ ମନ୍ଦିର ନ୍ୟାସ ଓ ପୂଜ୍ୟ ପୂଜା ସଂଗଠନ ପକ୍ଷରୁ ବୁଧବାର ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। କାନପୁରା ପଞ୍ଚାୟତରାଜ ହାଇସ୍କୁଲ ପକ୍ଷରୁ ଆୟୋଜିତ ପଦଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ପରେ ସଂଗଠନ ସଭାପତି ମେଜର ପ୍ରଭାତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ କହିଲେ, ଗାନ୍ଧୀଙ୍କ ଅହିଂସା ମାର୍ଗରେ ଅଖଣ୍ଡ ସମାଜ ଗଠନ ହୋଇପାରିବ। ନ୍ୟାୟାଧୀଶ ଉମାଶଙ୍କର ମିଶ୍ର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ଚନ୍ଦ୍ର ସାହୁ, ସର୍ବୋଦୟ ନେତା ବିନୋଦ ମହାନ୍ତି, ହରିଜନ ସେବା ସଂଘ ଉପସଭାପତି ପ୍ରବିର ମହାନ୍ତି, ଉପଜିଲାପାଳ ଇଂ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। କୋଷାଧ୍ୟକ୍ଷ ଶ୍ରୀରାମ ରାଉତ, ଜ୍ଞାନରଞ୍ଜନ ସାମନ୍ତରାୟ, ଶିକ୍ଷକ ନିରଞ୍ଜନ ସାହୁ, ମାୟାଧର ସହଯୋଗ କରିଥିଲେ। ସେହିପରି କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ତରଫରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। ଗିରିଜା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଦୀପ ସାହୁ, ଉର୍ବଶୀ ନାୟକ, ଶାନ୍ତି ବେହେରା, ଇନ୍ଦ୍ରମଣି ପ୍ରଧାନ, ବବିତା ବେହେରା, କୁମୁଦିନି ପଧାନଙ୍କ ସମେତ ଶତାଧିକ ମହିଳା ଯୋଗ ଦେଇଥିଲେ। ଭୁବନ ବାଜି ରାଉତ କଲେଜରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. କିଶୋର ଚନ୍ଦ୍ର ଦାସ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଭୁବନ ବ୍ଲକ ଓ ଏନ୍‌ଏସି ଭାଜପା ପକ୍ଷରୁ ଗାନ୍ଧୀଜୟନ୍ତୀ ପାଳିତ ହୋଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନାଙ୍କ ନେତୃତ୍ୱରେ ଆୟୋଜିତ ସହର ପରିକ୍ରମା କାର୍ଯ୍ୟକ୍ରମରେ ରାଜ୍ୟସଭା ପୂର୍ବତନ ସଦସ୍ୟ ରୁଦ୍ର ନାରାୟଣ ପାଣି, ଜିଲା ସାଧାରଣ ସମ୍ପାଦକ ପ୍ରେମାନନ୍ଦ ଜେନା ପ୍ରମୁଖ ସାମିଲ ହୋଇଥିଲେ।

### ଆଦର୍ଶ ବିଦ୍ୟାଳୟରେ ଜୟନ୍ତୀ ଉତ୍ସବ

**ଅନୁଗୋଳ ଅଫିସ, ୨।୧୦**

ଅନୁଗୋଳ ଜିଲା ଖଣ୍ଡହତାସ୍ଥିତ ଆଦର୍ଶ ବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟର ପ୍ରଧାପକ ଡ. ଅକ୍ଷୟ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ସାମାଜିକକର୍ମୀ ସୁଶାନ୍ତ ତ୍ରିପାଠୀ ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ କଳା ଶିକ୍ଷକ ରବିନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଜୟ ନାରାୟଣ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭୁରଞ୍ଜନ ସାହୁ, ପ୍ରଭାତ ବେହେରା ଓ ସନ୍ଦୀପ ସ୍ୱାଇଁ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସୋନାଲି ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବଚପନ ପ୍ଲେ ସ୍କୁଲରେ ଗାନ୍ଧୀ ଜୟନ୍ତୀ



ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ବଚପନ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀମାନେ।

**ଅନୁଗୋଳ ଅଫିସ, ୨।୧୦**

ଅନୁଗୋଳ ମିଶ୍ରପଡ଼ା ସ୍ଥିତ ବଚପନ ପ୍ଲେ ସ୍କୁଲ ପ୍ରାଙ୍ଗଣରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀ ନାନ୍‌ସି ନିରାଲି ବେହେରା ମହାତ୍ମା ଗାନ୍ଧୀ ଓ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଦେଶ ପ୍ରତି ଥିବା ବଳିଦାନ ସମ୍ପର୍କରେ ସହପାଠୀଙ୍କୁ ଅବଗତ କରିଥିଲେ। ଏଥିସହ ଶାସ୍ତ୍ରୀଜୀ କିପରି ‘ଜୟ ଯବାନ ଜୟ କିଷାନ’ ସ୍ଲୋଗାନ ଦେଇ ଦେଶପ୍ରେମ ଜାଗ୍ରତ କରିଥିଲେ ସେ ନେଇ ମଧ୍ୟ ସହପାଠୀଙ୍କୁ କହିଥିଲେ। ଗାନ୍ଧୀ ଓ ଶାସ୍ତ୍ରୀଙ୍କ ବେଶରେ ସୌର୍ଯ୍ୟା, ଆୟୁଷ୍, ଲିଙ୍କନ ଓ ଅରନଭ୍ ଉତ୍ସବରେ ମୁଖ୍ୟ ଆକର୍ଷଣ ସାଜିଥିଲେ। ସ୍କୁଲ ଅଧ୍ୟକ୍ଷା ଯଶ୍‌ପାଲ ପଟ୍ଟନାୟକ, ଉପଦେଷ୍ଟା ଇଭାଲିନ ରଥଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ ଗାନ୍ଧୀ ଜୟନ୍ତୀ ବିଶେଷାଙ୍କ ଉନ୍ମୋଚିତ

# ଗାନ୍ଧୀ ବିଚାରଧାରା ଥିଲା, ଅଛି, ରହିବ: ମୁଖ୍ୟମନ୍ତ୍ରୀ


ଉତ୍କଳ ପ୍ରସଙ୍ଗ ଓଡ଼ିଶା ରିଭ୍ୟୁ ଗାନ୍ଧୀ ଜୟନ୍ତୀ ବିଶେଷାଙ୍କକୁ ଉନ୍ମୋଚନ କରାଯାଉଛି।

**ଭୁବନେଶ୍ୱର, ୨।୧୦(ବ୍ୟୁରୋ)**

ଗାନ୍ଧୀ ବିଚାରଧାରାର ମହତ୍ତ୍ୱ ଥିଲା, ଅଛି ଏବଂ ରହିବ। ସେ ସବୁ ଜାତି, ସମ୍ପ୍ରଦାୟ, ଅଞ୍ଚଳ ଓ ଜାତୀୟ ସଂହତିର ପ୍ରତୀକ ଥିଲେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ବୁଧବାର ଗାନ୍ଧୀ ଜୟନ୍ତୀ ଅବସରରେ ଇନଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସଠାରେ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ସଂହତି ଶିବିରରେ ମୁଖ୍ୟଅତିଥି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଏହି ବକ୍ତବ୍ୟ ରଖିଛନ୍ତି। କେବଳ ଭାରତର ସ୍ୱାଧୀନତା ନୁହେଁ, ସୁସ୍ଥ ସମାଜ ଏବଂ ସଶକ୍ତ ଭାରତ ଗଢ଼ିବା ତାଙ୍କର ମୂଳ ଲକ୍ଷ୍ୟ ଥିଲା। ଦାରିଦ୍ର୍ୟ, ହିଂସା, ଅନ୍ୟାୟ ଓ ଅସମାନତା କବଳରୁ ଭାରତକୁ ମୁକ୍ତ କରିବାକୁ ଗାନ୍ଧୀ ସ୍ୱପ୍ନ ଦେଖୁଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଅହିଂସାକୁ ସମ୍ବିଧାନର ମୁଖବନ୍ଧରେ ସାମିଲ କରିବାକୁ ମୁଁ ଦାବି କରି ଆସିଛି। ଏହି ଉଦ୍ଦେଶ୍ୟରେ ସ୍ୱାଧୀନତା ସଂଗ୍ରାମୀ ଭବାନୀ ଚରଣ ପଟ୍ଟନାୟକଙ୍କ ନେତୃତ୍ୱରେ ହୋଇଥିବା ଏକଲକ୍ଷ ଦସ୍ତଖତ ଅଭିଯାନକୁ ମୁଖ୍ୟମନ୍ତ୍ରୀ ଗ୍ରହଣ କରିଥିଲେ। ଏହି ଦସ୍ତଖତକୁ ରାଷ୍ଟ୍ରପତିଙ୍କୁ ପରେ ଦିଆଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗାନ୍ଧିଜୀଙ୍କ ଉପରେ ‘ମହାତ୍ମା’ ପୁସ୍ତକ ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ଦେବୀ ମିଶ୍ର, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ‘ବୈଷ୍ଣବ ଜନ ତୋ’ ଗୀତ ସୁନ୍ଦର ଭାବେ ପରିବେଷଣ କରିଥିଲେ। ସଭା କାର୍ଯ୍ୟ ସହ ‘ଗାନ୍ଧିଜୀ ଓ ଓଡ଼ିଶା’ ଶୀର୍ଷକ ଏକ ଫଟୋଚିତ୍ର ପ୍ରଦର୍ଶନୀ କରାଯାଇଥିଲା। ଗାନ୍ଧୀ ବିତାଇଥିବା ଓଡ଼ିଶାର ସମୟଗୁଡ଼ିକ ଏଥିରେ ସ୍ଥାନିତ ହୋଇଛି। ପ୍ରଦର୍ଶନୀ ଉଦ୍‌ଘାଟନ ବେଳେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ, ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶ ପାଉଥିବା ମାସିକ ପତ୍ରିକା ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁ ଗାନ୍ଧୀ ଜୟନ୍ତୀ ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ କରିଥିଲେ।

### ମୃତ ବାର୍‌ହା, ବୋଲେରୋ ଜବତ

**ବନ୍ତଳା, ୨।୧୦(ଡି.ଏନ.ଏ.)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ପୁରୁଣାକୋଟ ରେଞ୍ଜ ବାଘମୁଣ୍ଡା ସେକ୍ସନ ଅଧୀନ ଡଲାସିଙ୍ଗା ଗ୍ରାମ ନିକଟରେ ମଙ୍ଗଳବାର ରାତିରେ ଏକ ବୋଲେରୋ (ନଂ. ଓଡି ୧୯ ଏମ ୪୪୬୪)ରେ ବାର୍‌ହା ଶିକାର କରାଯାଇ ନିଆଯାଉଥିବାବେଳେ ବନ ବିଭାଗ ଚଢ଼ାଉ କରିଛି। ଚଢ଼ାଉ ବେଳେ ପ୍ରାୟ ୮୦ କେଜିର ଏକ ମୃତ ବାର୍‌ହା ସହ ସମ୍ପୃକ୍ତ ବୋଲେରୋକୁ ଜବତ କରାଯାଇଛି। ତେବେ ଡ୍ରାଇଭର ଓ ଶିକାରୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ବାଘମୁଣ୍ଡା ଫରେଷ୍ଟର ଚୈତନ୍ୟ ପ୍ରଧାନ, ଗାର୍ଡ ମହାଶ୍ୱେତା ପ୍ରଧାନଙ୍କ ସମେତ ଆଣ୍ଟି ପୋଚିଂ ସ୍କ୍ୱାଡ ଚଢ଼ାଉରେ ସାମିଲ ହୋଇଥିଲେ। ବୁଧବାର ବାର୍‌ହା ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

# ଭାଇଚାରା ସୃଷ୍ଟି ପାଇଁ ଜିଲା କଂଗ୍ରେସର ଆହ୍ୱାନ




**ଅନୁଗୋଳ ଅଫିସ, ୨।୧୦**

ଅନୁଗୋଳ ଜିଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ବିପ୍ଳବ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜରେ ଭାଇଚାରା ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜୟନ୍ତ ସାହୁ, ବଳବୀର ସିଂ, ପ୍ରଫୁଲ୍ଲ ଦାସ, ସୁକାନ୍ତୀ ଦାସ, ସୁକାନ୍ତ ନାୟକ, ଦିବାକର ପ୍ରଧାନ, ସବିତା ଧର, ରଶ୍ମି ରଞ୍ଜନ ସାହୁ, ସୁନୀଲ ପ୍ରଧାନ, ଶିବାନୀ ଶଙ୍କର ଗଉଡ଼, ବାପୁନ ପ୍ରଧାନ, ଦେବୁନ ପ୍ରଧାନ, ସୀତାଂଶୁ ପ୍ରଧାନ, ବାପୁଜୀ ପ୍ରଧାନ, ବିରଜା ଶଙ୍କର ମହାପାତ୍ର, ରିତେଶ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ନଗର କଂଗ୍ରେସ ସଭାପତି ସୁଦୀପ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ସବର୍ଣ୍ଣ–ଅସବର୍ଣ୍ଣ ବିବାଦ ସମାଧାନ

**ଛେଣ୍ଡିପଦା,୨।୧୦(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଟେଣ୍ଟୁଲୋଇ କୋଡାସାହି ଠାରେ ମା’ କନକଦୁର୍ଗା ମନ୍ଦିର ପୂଜା ଓ ବିଶ୍ୱଶାନ୍ତି ମହାଯଜ୍ଞକୁ ନେଇ ୨୦୧୮ରେ ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ମଧ୍ୟରେ ଦେଖାଯାଇଥିବା ବିବାଦ ବୁଧବାର ସମାଧାନ କରାଯାଇଛି। ଏ ନେଇ ଟେଣ୍ଟୁଲୋଇ କୋଡାସାହି ଉଚ୍ଚବିଦ୍ୟାଳୟଠାରେ ଶାନ୍ତି କମିଟି ବସିଥିଲା। ଗତ ବର୍ଷ ପୂଜା ସମୟରେ କୃଷକ ସମାଜ ଓ କିଷାନ ସମାଜ ମଧ୍ୟରେ ବିବାଦ ଉପୁଜିଥିଲା। ଏହାର ସମାଧାନ ପାଇଁ କିଷାନ ସମାଜ ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ମାଜିଷ୍ଟ୍ରେଟ ଭାବେ ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କା ଓ ଛେଣ୍ଡିପଦା ଥାନା ଅଧିକାରୀ ସତ୍ୟବ୍ରତ ରାଉତ ଶାନ୍ତି କମିଟି ବୈଠକ ଡାକିଥିଲେ। ତହସିଲଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିବାଦର କାରଣ ଆଲୋଚନା କରାଯାଇ ସମାଧାନ କରାଯାଇଥିଲା।

### ତାଳଚେରରେ ଗାନ୍ଧୀ ସଙ୍କଳ୍ପ ଯାତ୍ରା

**ତାଳଚେର,୨।୧୦(ନି.ପ୍ର.)**

୧୫୦ ତମ ଗାନ୍ଧୀ ଜୟନ୍ତୀ ଅବସରରେ ଭାଜପା ପକ୍ଷରୁ ତାଳଚେର ରାମଚନ୍ଦ୍ର ବଜାରସ୍ଥିତ ଫାଷ୍ଟଗେଟ ଠାରୁ ଗାନ୍ଧୀ ସଙ୍କଳ୍ପ ପଦଯାତ୍ରା ଆରମ୍ଭ ହୋଇଛି। ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଏବଂ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଫାଷ୍ଟଗେଟ୍ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ପ୍ରଥମ ଦିବସରେ ପୌରାଞ୍ଚଳର ମୋଟ୍ ୨୧ଟି ୱାର୍ଡ ମଧ୍ୟରୁ ୧୩ଟିରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ରବି ନାରାୟଣ ପାଣି, ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ମିଡିଆ ସେଲ ପ୍ରଭାରୀ ପର୍ଶୁରାମ ବାରିକ,ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ଉପସଭାପତି ପେସ୍କାର ଗଡ଼ନାୟକ, ଜିଲା ଯୁବ ମୋର୍ଚ୍ଚା ସଭାପତି ପ୍ରଶାନ୍ତ ନନ୍ଦ, ପୌରମଣ୍ଡଳ ସଭାପତି ଯଶୋବନ୍ତ ଦାସଙ୍କ ସମେତ ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ। ନିର୍ବାଚନମଣ୍ଡଳୀରେ ୧୫ ଦିନରେ ୧୫୦ କି.ମି. ବ୍ୟାପି ଏହି ପଦଯାତ୍ରା ଅନୁଷ୍ଠିତ ହେବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

# ବାପୁଜୀଙ୍କ ସଙ୍କଳ୍ପକୁ ପଞ୍ଚାୟତରେ ପହଞ୍ଚାଇବ ଭାଜପା



ସଙ୍କଳ୍ପ ଯାତ୍ରା ସହର ପରିକ୍ରମା କରୁଛି।

**ଅନୁଗୋଳ ଅଫିସ, ୨।୧୦**

ଅନୁଗୋଳ ଭାଜପା ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ସଙ୍କଳ୍ପ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଗାନ୍ଧୀମାର୍ଗ ଠାରୁ ଆରମ୍ଭ ହୋଇ ଗାନ୍ଧୀପାର୍କ ଠାରେ ପହଞ୍ଚିଥିଲା। ବାପୁଜୀଙ୍କ ସଙ୍କଳ୍ପକୁ ପ୍ରତି ପଞ୍ଚାୟତରେ ପହଞ୍ଚାଇବା ପାଇଁ ଭାଜପା ପକ୍ଷରୁ ସ୍ଥିର କରାଯାଇଛି। ଏହି ଶୋଭାଯାତ୍ରାରେ ଦିଲୀପ ପ୍ରଧାନ, ପ୍ରତିମା ମିଶ୍ର, ସୁଷମା ବେହେରା, ନମିତା ଦଳବେହେରା, ସଂଘମିତ୍ରା ପ୍ରଧାନ, ଦିଲେଶ୍ୱର ପ୍ରଧାନ, ପ୍ରଶାନ୍ତ ପୃଷ୍ଟି, ଅମୂଲ୍ୟ ପ୍ରଧାନ, ଲୋଚନ ସାହୁ, ଅଖିଳ ସାମଲ, ଦିବ୍ୟରଞ୍ଜନ ସାମଲ, ଯଯାତି ପଟ୍ଟନାୟକ, ରୋଜାଲିନ ଦାସ, ମମତା ମହାପାତ୍ର, ପ୍ରଦୀପ ରାଉତ, ସମୀର ପରିଡ଼ା, ସୁଚିସ୍ମିତା ତ୍ରିପାଠୀ, ସରିତା ମିଶ୍ରଙ୍କ ସମେତ ବହୁ ଦଳୀୟ କର୍ମୀ ସହର ପରିକ୍ରମା କରିବା ସହିତ ନାଗରିକଙ୍କୁ ସଚେତନ କରାଇଥିଲେ।

# ଓସିଏ ଉପସଭାପତିଙ୍କୁ ସମ୍ବର୍ଦ୍ଧନା

**ଅନୁଗୋଳ ଅଫିସ, ୨।୧୦**

ଅନୁଗୋଳ ଜିଲା କ୍ରିକେଟ ସଂଘ ପକ୍ଷରୁ ନବନିର୍ବାଚିତ ଓଡ଼ିଶା କ୍ରିକେଟ ଆସୋସିଏଶନ୍ ଉପସଭାପତି ଅକ୍ଷୟ କୁମାର ସାମନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଗୋଳ କଦମ ପଡ଼ିଆଠାରେ ଆୟୋଜିତ ସଭାରେ ଅନୁଗୋଳ ଜିଲାର ବିଭିନ୍ନ କ୍ଲବ ଓ ଖେଳାଳିମାନେ ଯୋଗଦେଇଥିଲେ। ଏହି ଅବସରରେ ଓସିଏ ଉପସଭାପତି ସାମନ୍ତ କହିଥିଲେ, ଜିଲାରେ କ୍ରୀଡ଼ାର ବିକାଶ ପାଇଁ କାର୍ଯ୍ୟ କରିବେ। ଏଥିସହ ତୃଣମୂଳ ସ୍ତରରେ ଥିବା ଲୁକାୟିତ ପ୍ରତିଭାମାନଙ୍କୁ ରାଜ୍ୟ ଓ ଦେଶର ଲୋକ ଲୋଚନକୁ ଆଣିବା ପ୍ରାଥମିକ ଦାୟିତ୍ୱ ରହିବ ବୋଲି ସେ କହିଥିଲେ। ସଭାରେ ଜିଲା କ୍ରିକେଟ ଆସୋସିଏଶନର କୋଷାଧ୍ୟକ୍ଷ ଅକ୍ଷୟ ଦାଶ, ଆଠମଲ୍ଲିକ ବ୍ଲକ କ୍ରିକେଟ ସଂଘ ସମ୍ପାଦକ ମଇଦ୍ଦିନ ଖାନ, ସେକ୍ ରଫିକ୍, ନିଳାଞ୍ଚଳ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକଙ୍କ ଅଧିକାର ଉପରେ ଆଲୋଚନା



ସଭାରେ ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ଅନ୍ୟମାନେ।

**ତାଳଚେର,୨।୧୦(ନି.ପ୍ର.)**

ତାଳଚେର ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ଦେଉଳବେଡାସ୍ଥିତ ମଙ୍ଗଳମ୍ କ୍ଲବ ପରିସରରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଉକ୍ତ ସଭାରେ ତାଲୁକ ଆଇନ ସହାୟତା କମିଟି ଅଧ୍ୟକ୍ଷା ତଥା ଅତିରିକ୍ତ ଜିଲା ଦୌରାଜଜ୍ ଲୁନା ମହାନ୍ତି ସଭାପତିତ୍ୱ କରିଥିଲେ। ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ଜେଏମ୍‌ଏଫ୍‌ସି ହୃଷୀକେଶ ଖେମଣ୍ଡୁ, ଚରଣ ଜେନା, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପଣ୍ଡା, ରାମଚନ୍ଦ୍ର ସ୍ୱାଇଁ, ବରିଷ୍ଠ ଆଇନଜୀବୀ ଅରୁଣ ଶଙ୍କର ମିଶ୍ର, ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ହରେକୃଷ୍ଣ ପାତ୍ର, ଓକିଲ ସଂଘ ସଭାପତି ରଞ୍ଜିତ କୁମାର ଘୋଷ, ଆଇନଜୀବୀ ବିଶ୍ୱେଶ୍ୱର ମିଶ୍ର ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ଅଧିକାର, ସେମାନଙ୍କୁ ମିଳୁଥିବା ସମସ୍ତ ସୁବିଧା ସୁଯୋଗ ଓ ସମାଜରେ ସେମାନଙ୍କ ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ଏହି ସଭାରେ ବରିଷ୍ଠ ନାଗରିକ ବ୍ରହ୍ମାଶଙ୍କର ମିଶ୍ର, ଚୈତନ୍ୟ ପ୍ରଧାନ, ସ୍ୱେଚ୍ଛାସେବୀ କ୍ଷୀରୋଦ ସାହୁ, ସୁରେଶ ଚନ୍ଦ୍ର ପଟ୍ଟନାୟକ, ମହିଳା ସଙ୍ଗଠନର ସଦସ୍ୟ, ବାଉରୀବନ୍ଧୁ ବେଜ୍, ନିର୍ମଳ ଚନ୍ଦ୍ର ତ୍ରିପାଠୀ, ଗିରିଜା ମିଶ୍ର, ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଧୀରଙ୍କ ସମେତ ବହୁ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ■ମହାବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ

# ସ୍ୱଚ୍ଛତା କାର୍ଯ୍ୟକ୍ରମ, ଶପଥପାଠ

**ଅନୁଗୋଳ ଅଫିସ, ୨।୧୦**

ଅନୁଗୋଳ ମହିଳା ମହାବିଦ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଶତାଧିକ ଛାତ୍ରୀ ସହରର ମଦନମୋହନପଡ଼ା, ହାତୀବନ୍ଧପଡ଼ା ବସ୍ତି ଅଞ୍ଚଳ ତଥା ହରିମହୁରୀ ଛକ ଠାରେ ସଫେଇ କାର୍ଯ୍ୟ ସହ ଆବର୍ଜନା ସଂଗ୍ରହ କରି ନଷ୍ଟ କରିଥିଲେ। ଅଧ୍ୟକ୍ଷା ଡକ୍ଟର ସଙ୍ଗୀତା ଦାଶଙ୍କ ତତ୍ତ୍ୱାବଧାନରେ ଏବଂ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ତଥା କର୍ମଚାରୀମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ସେହିପରି ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଗଙ୍ଗାଧର କର ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ ଅନ୍ୟ ମହାବିଦ୍ୟାଳୟ କର୍ମକର୍ତ୍ତାମାନଙ୍କୁ ଅଧ୍ୟକ୍ଷ ସ୍ୱଚ୍ଛ ଭାରତର ସଫଳତା ଉପଲକ୍ଷେ ଶପଥପାଠ କରାଇଥିଲେ। ପରେ ସଚେତନତା ପଦଯାତ୍ରା ମହାବିଦ୍ୟାଳୟ ପରିସରରୁ ବାହାରି ଶିମିଳିପଡ଼ାସ୍ଥିତ ଗାନ୍ଧୀ ମୂର୍ତ୍ତି ନିକଟରେ ପହଞ୍ଚିଥିଲା। ଅଭିମନ୍ୟୁ ଦାସ, ଶାଶ୍ୱତୀ ଶୁଭଦର୍ଶିନୀ, ସ୍ମିତା ମଲ୍ଲିକ, ସାଗରିକା ରାଉତ, ଚନ୍ଦ୍ରକାନ୍ତ ଦାସ, ବସନ୍ତ ମହାପାତ୍ର, ବିଭୁପ୍ରସାଦ ଶତପଥୀ, ହେମାଳିନୀ ଜେନାଙ୍କ ସହ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।



ସଫେଇ ପାଇଁ ବାହାରିଥିବା ମହିଳା ମହାବିଦ୍ୟାଳୟ ଛାତ୍ରୀ, ଅଧ୍ୟାପିକା।


ଅନୁଗୋଳ ମହାବିଦ୍ୟାଳୟରେ ଶପଥପାଠ।

## ଆଜି କ'ଣ କେଉଁଠି

**ଢେଙ୍କାନାଳ**
➢ସୁବର୍ଣ୍ଣ ଜୟନ୍ତୀ ସମାରୋହ
ସ୍ଥାନ–ଇନ୍ଦିପୁର ସରକାରୀ ଉଚ୍ଚ ବିଦ୍ୟାଳୟ
ସମୟ–ପୂର୍ବାହ୍ନ ୧୦ଟା

## ସଂକ୍ଷେପରେ

### ଗାନ୍ଧୀ ଜୟନ୍ତୀରେ ଚାରାରୋପଣ

ଢେଙ୍କାନାଳ ଅଫିସ,୨।୧୦- ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଦେଓଗାଁ ସରକାରୀ ଉପ୍ରା ବିଦ୍ୟାଳୟରେ ବୁଧବାର ପ୍ରଧାନ ଶିକ୍ଷକ ହରିହର ସାହୁଙ୍କ ତତ୍ତ୍ୱାବଧାନରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପରିଚାଳନା ପରିଷଦ ସଭାପତି ଗଙ୍ଗାଧର ବାରିକ ଯୋଗ ଦେଇଥିଲେ। ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ରୋଶନ ସାହୁ, ସୋମନାଥ ବାରିକ, ଜଗଦୀଶ ପତି ଓ ସୋନିଆରାଣୀ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଶିକ୍ଷୟିତ୍ରୀ ଶାନ୍ତିଲତା ଦାସ, ମମତା ଦେହୁରୀ, ନମିତପ୍ରଭା ସାହୁ ଓ ସଂଜ୍ଞା ସାଗରିକା ସ୍ୱାଇଁ ସହଯୋଗ କରିଥିଲେ।

■ବିଜେଡିର ଜନସମ୍ପର୍କ ପଦଯାତ୍ରା, ମିଶ୍ରଣ ପର୍ବ

# ଲୋକଙ୍କ ସେବାରେ ସାମିଲ ହେବାକୁ ପରାମର୍ଶ


ଜନସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିବା ବିଜେଡି କାର୍ଯ୍ୟକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ,୨।୧୦**

ଗାନ୍ଧୀଜୟନ୍ତୀ ଠାରୁ ଆସନ୍ତା ୧୧ ତାରିଖ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଦିବସ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ପ୍ରତି ଜିଲାର ପଞ୍ଚାୟତସ୍ତରରେ ପହଞ୍ଚାଇବା ପାଇଁ ଢେଙ୍କାନାଳ ବିଜେଡି ପକ୍ଷରୁ ପଦଯାତ୍ରା ବୁଧବାରଠାରୁ ଆରମ୍ଭ ହୋଇଛି। ଢେଙ୍କାନାଳ ବସଷ୍ଟାଣ୍ଡସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ବିଧାୟକ ସୁଧିର କୁମାର ସାମଲ ମାଲ୍ୟାର୍ପଣ କରି ପଦଯାତ୍ରା ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ସହର ପରିକ୍ରମା କରି ପୌରାଞ୍ଚଳର ୫ନଂ ୱାର୍ଡ ଅମଲାପଡା, ୪ନଂ ୱାର୍ଡ ଗୁଡିଆନାଳୀ ଓ ୩ନଂ ୱାର୍ଡ କୁଞ୍ଜକାନ୍ତ ପର୍ଯ୍ୟନ୍ତ ଯାଇଥିଲା। ଏହିସବୁ ଅଞ୍ଚଳରେ ଆୟୋଜିତ ସାଧାରଣ ସଭାଗୁଡିକରେ ଲୋକମାନଙ୍କ ସେବାରେ କର୍ମୀମାନେ ନିଜକୁ ସାମିଲ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଏଥିସହିତ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ସରକାରୀ ଯୋଜନାର ସୁଫଳ ସମ୍ପର୍କରେ ପଚାରି ବୁଝିଥିଲେ। ୩ନଂ ୱାର୍ଡରେ ଥିବା ଦଳିତ ବସ୍ତିଠାରେ ସଞ୍ଜୁ ଦେହୁରୀ ନାମକ ଜଣେ ମହିଳାଙ୍କ ନିମନ୍ତ୍ରଣରେ ବିଧାୟକ ତାଙ୍କ ଘରେ ବସି ଭୋଜନ କରିଥିଲେ। ସେହିପରି ପ୍ରାରମ୍ଭରେ ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଭାଜପାର ପୂର୍ବତନ କାଉନସିଲର ଅବଦୁଲ ଟାନ ଖାଁଙ୍କ ସମେତ ଅବଦୁଲ ବାରି, ଅବଦୁଲ ଅଫଜଲ, କଂଗ୍ରେସର ପ୍ରଭାସ ସାହୁ, ଝରଣା ନାୟକ, ଶୁଭାଶିଷ ପଟ୍ଟନାୟକ ପ୍ରମୁଖ, ବହୁ ଛାତ୍ର, ଯୁବକ ଓ ମହିଳାମାନେ ବିଜେଡିରେ ଯୋଗ ଦେଇଥିଲେ । ଯୁବନେତା ଦେବାଶିଷ ମିଶ୍ର, ଶ୍ରୀକାନ୍ତ ଧଳ, ଯୁବ ବିଜେଡି ସଭାପତି ବିନୋଦ ମହାନ୍ତି, ପୂର୍ବତନ ନଗରପାଳ ଇନ୍ଦ୍ରମଣି ବେହେରାଙ୍କ ପରିଚାଳନାରେ ଆୟୋଜିତ ଏହି ପଦଯାତ୍ରାରେ ବିଜେଡି ରାଜ୍ୟ ସମ୍ପାଦକ ଦେବୀ ପ୍ରସାଦ ଭୁଟିଆ, ରାଜ୍ୟ ମହିଳା ବିଜେଡି ଉପସଭାପତି ସାଗରିକା ମିଶ୍ର, ଜିଲା କୃଷକ ସଭାପତି ନରୋତ୍ତମ ସାହୁ, ଆଇନଜୀବୀ ପତିତପାବନ ମହାପାତ୍ର, ସୁରେଶ ମହାପାତ୍ର, ଲକ୍ଷ୍ମୀଧର ସାହୁ, ଅଶ୍ରଫ୍ ଖାନ, ସାଇଶ୍ରୀ ପଟ୍ଟନାୟକ, ଶଶିକାନ୍ତ ମିଶ୍ର, ଗଙ୍ଗାଧର ରାଉତ, ଲୋପାମୁଦ୍ରା ମହାନ୍ତି, ନିରାକାର ରାଉତ, ମାଣିକ ନନ୍ଦ, ଲଲାଟ ରଞ୍ଜନ ସାହୁ, ସଞ୍ଜୟ କୁମାର ମଲିକ, ସୋନୁରାମ ସିଂହ, ଅବିନାଶ ଜେନାଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

## ଶାନ୍ତ, ଅହିଂସାର ସମାଜ ଗଢିବାକୁ ଆହ୍ୱାନ


ଅନୁଷ୍ଠିତ ସଚେତନତା ଶୋଭାଯାତ୍ରା।

**ଢେଙ୍କାନାଳ ଅଫିସ,୨।୧୦**

ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ଅଲଟର୍‌ନେଟିଭ୍ ରିଦିମ୍ ଥିଏଟର (ଆର୍ଟ) ପକ୍ଷରୁ ବୁଧବାର ଗାନ୍ଧୀ ଜୟନ୍ତୀ ପଳନ କରାଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ଓ ଗୋବିନ୍ଦପୁର ପଞ୍ଚାୟତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସରପଞ୍ଚ ସୁନିତା ସାହୁ ପଦଯାତ୍ରାକୁ ସ୍ୱାଗତ କରିବା ସହ ସ୍ୱଚ୍ଛ, ଶାନ୍ତ ଓ ଅହିଂସାର ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ସକାଳେ ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ଶିଶୁ ଗୃହ ପରିସରରୁ ପଦଯାତ୍ରାରେ ଶିଶୁଗୃହ ଅନ୍ତେବାସୀଙ୍କ ସମେତ ଆର୍ଟର ସଦସ୍ୟମାନେ ଗୋବିନ୍ଦପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚିଥିଲେ। ପରେ ପଦଯାତ୍ରା ଗୋବିନ୍ଦପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପହଞ୍ଚିଥିଲା। ପଦଯାତ୍ରାରେ ଗାନ୍ଧୀକଥା, ଶାନ୍ତି, ଅହିଂସାର ବାର୍ତ୍ତା ସହ ପ୍ରଦୂଷଣମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ ଦିଆଯାଇଥିଲା। ଆର୍ଟର ନିର୍ଦ୍ଦେଶକ ଦିନେଶ ଦାସ ଓ ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନର ମୁଖ୍ୟ ପ୍ରଦୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅୟୋଜିତ ଏହି କାର୍ଯ୍ୟକ୍ରମକୁ ପଦିଆ ପଟ୍ଟନାୟକ, ସଞ୍ଜୟ କୁମାର ବେହେରା, ଗଦାଧର ସେଠୀ, ବିଭୂତି ଦାସ, ବନଜ୍ୟୋତ୍ସ୍ନା ମହାନ୍ତି ଓ ସଂଘମିତ୍ରା ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଢିବାକୁ ଆହ୍ୱାନ




**ଢେଙ୍କାନାଳ ଅଫିସ,୨।୧୦**

ଢେଙ୍କାନାଳ କଲେଜ ସେବା ଯୋଜନା ପକ୍ଷରୁ ବୁଧବାର ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସେବା ଯୋଜନାର ପ୍ରୋଗ୍ରାମ ଅଧିକାରୀ ଡ. ଦେବରାଜ ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ଅଧ୍ୟାପିକା ଡ. ନମିତା ଦାସ, ଇଂଲିଶ ଅଧ୍ୟାପକ ତପନ ସେଠୀ, ବାଣିଜ୍ୟ ଅଧ୍ୟାପକ ସସ୍ମିତ କୁମାର ସାହୁ, ଏନ୍‌ଏସ୍‌ଏସ୍ ଅଧିକାରୀ ଶୁଭସ୍ମିତ ଖୁଣ୍ଟିଆ ପ୍ରମୁଖ ଉଦ୍‌ବୋଧନ ଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ପରିବେଶକୁ ପ୍ଲାଷ୍ଟିକମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ପରେ ଛାତ୍ରୀଛାତ୍ର, ଅଧ୍ୟାପକ, କର୍ମଚାରୀମାନେ କଲେଜ ପରିସର ସଫେଇ କରିବା ସହିତ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ଶପଥ ନେଇଥିଲେ।

# ଫିଟ୍ ଇଣ୍ଡିଆ, ପ୍ଲାଷ୍ଟିକମୁକ୍ତ ଅଭିଯାନ

**ଢେଙ୍କାନାଳ ଅଫିସ,୨।୧୦**




ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ବୁଧବାର ଫିଟ୍ ଇଣ୍ଡିଆ ଓ ପ୍ଲାଷ୍ଟିକମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ମଲ୍ଲିକ ଗାନ୍ଧୀଙ୍କ ସ୍ମୃତିଚାରଣ କରି ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ୬୮୬ ଜଣ ଛାତ୍ରୀଛାତ୍ର, ୪୭ ଜଣ ଶିକ୍ଷକ ଓ ୪୬ଜଣ ଅଭିଭାବକ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ଶୋଭାଯାତ୍ରା ବିଦ୍ୟାଳୟରୁ ବାହାରି କଣ୍ଟନାଳି ଓ ବନମାଳୀପ୍ରସାଦ ଗ୍ରାମ ପରିକ୍ରମା କରି ପ୍ଲାଷ୍ଟିକ ବର୍ଜନ ପାଇଁ ଲୋକଙ୍କୁ ସଚେତନ କରିଥିଲେ। ଏହି ଅବସରରେ ପିଲାମାନେ ୫୦କେଜି ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ କରି ପୌରସଂସ୍ଥାକୁ ହସ୍ତାନ୍ତର କରିଥିଲେ। ଶିକ୍ଷକ-ଅଭିଭାବକ ସଂଘର ସୁନୀଲ କୁମାର ଦାସ, ଆଶିଷ ମିଶ୍ରଙ୍କ ସମେତ ବହୁ ସଭ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। ସେହିପରି ଓଡାପଡା ବ୍ଲକ ସିମିନଇ ଆଞ୍ଚଳିକ କନିଷ୍ଠ ମହାବିଦ୍ୟାଳୟରେ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ତରଣୀସେନ ଗଡନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ପରେଶ କୁମାର ମହାପାତ୍ର, ବିଷ୍ଣୁଚରଣ ସାହୁ, ମମତା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏକ ଶୋଭାଯାତ୍ରାରେ ସ୍ୱଚ୍ଛ ଭାରତ ସଚେତନତା ବାର୍ତ୍ତା ଦିଆଯିବା ସହ କଲେଜ ପରିସରରେ ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀ ମାନେ ସଫେଇ କରିଥିଲେ। ବିଷ୍ଣୁପ୍ରସାଦ ରଥ, ସୁବାସ ଚନ୍ଦ୍ର ଷଣ୍ଡ, ମାୟାଧର ସାହୁ, ରତ୍ନାକର ସାହୁ, ସୁବିଧାକର ସାମଲ, ରଞ୍ଜନକୁମାର ସାହୁ, ସାର୍ତ୍ତୁକ ସାହୁ, ଲକ୍ଷ୍ମୀଧର ମାଝି, ଅଦ୍ୱୈତ୍ୱ ଚରଣ ଜେନା, ରବି ଗିଲ, କବିବର ସାମଲ, ମୀନତୀ ବେହେରା, ଅଖିଳ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ସାମାଜିକ ପରିବର୍ତ୍ତନ ପାଇଁ ଅହିଂସା ଏକମାତ୍ର ମାର୍ଗ



**ଢେଙ୍କାନାଳ ଅଫିସ,୨।୧୦**

ଢେଙ୍କାନାଳ କବିଭୂଷଣ ସ୍ମୃତି ସଂସଦ ଓ ଜିଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ବୁଧବାର ଗାନ୍ଧୀ ଜୟନ୍ତୀ ପାଳନ ଉପଲକ୍ଷେ ଏକ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲା ସଂସ୍କୃତି କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ସମ୍ମିଳନୀରେ ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ଏଥିରେ ଯୋଗଦେଇ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି ମନୋରଞ୍ଜନ ନନ୍ଦ କହିଲେ ଯେ, ସାମାଜିକ ପରିବର୍ତ୍ତନ ପାଇଁ ଅହିଂସା ହିଁ ଏକମାତ୍ର ମାର୍ଗ। ଗାନ୍ଧିଜୀଙ୍କ ଭଳି ଲେଖକମାନେ ସତ୍ୟ ଓ ଅହିଂସା ପଥରେ ରହି ଲେଖନି ଚାଳନା କରିବାକୁ ସେ ଆହ୍ୱାନ ଦେଇଥିଲେ। ରେଣୁବାଳା ସ୍ମୃତି ସଂସଦ ରାଜ୍ୟ ସଭାପତି ସଂଯୁକ୍ତା ମିଶ୍ର, ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ମମତା ମିଶ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ମାକ୍ଷିତମାମି ମହାପାତ୍ର, ସୁମିତା ପଟ୍ଟନାୟକ, ବୀରାଲକ୍ଷ୍ମୀ ରଣା, ନମିତା ମନୋହରୀ, ଅବନ୍ତି ନାଥ, ମମତା ମହନ୍ତ, ସଂଯୁକ୍ତା ମହନ୍ତ, ନନ୍ଦିକେଶ୍ୱରୀ ନାଥ, ମୈତ୍ରୀ ସୁଭଦା, ବିଦ୍ୟାଧର ବାରିକ, କରୁଣାକର ନାୟକ, ଶଙ୍କର୍ଷଣ ଶତପଥୀ, ନୀଳମଣି ମହାରଣା ଓ କୁଞ୍ଜ ବିହାରୀ ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

# ଅହିଂସାରେ ସବୁ ସମସ୍ୟାର ସମାଧାନ ସମ୍ଭବ

**ଢେଙ୍କାନାଳ ଅଫିସ,୨।୧୦**


ଢେଙ୍କାନାଳ ସଦର ମହକୁମାରେ ଗାନ୍ଧୀଜୟନ୍ତୀ ପାଳିତ।

ସ୍ଥାନୀୟ ସୂଚନା କେନ୍ଦ୍ର ପରିସରରେ ବୁଧବାର ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ଭୂମେଶଚନ୍ଦ୍ର ବେହେରା କହିଲେ ଯେ, ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶ ସାରା ବିଶ୍ୱରେ ଆଦୃତ ହୋଇଛି । ତାଙ୍କ ଜନ୍ମ ତିଥିକୁ ଅହିଂସା ଦିବସ ଭାବେ ପାଳନ କରାଯାଉଛି। ଅହିଂସା ମାର୍ଗ ଅବଲମ୍ବନ ଦ୍ୱାରା ସମସ୍ତ ସମସ୍ୟାର ସମାଧାନ ସମ୍ଭବ ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ମହିମା ମହାବିଦ୍ୟାଳୟ ଇତିହାସ ବିଭାଗର ମୁଖ୍ୟ ପ୍ରଦୀପ୍ତ କୁମାର ଦାସ ଗାନ୍ଧିଜୀଙ୍କୁ ଜଣେ ଯୁଗଦ୍ରଷ୍ଟା ସାଧକ ବୋଲି ଅଭିହିତ କରିଥିଲେ। ସମ୍ମାନିତ ଅତିଥି ଆଞ୍ଚଳିକ ମହାବିଦ୍ୟାଳୟ ହିନ୍ଦୋଳ ଓଡିଆ ବିଭାଗ ମୁଖ୍ୟ ଯୋଗ ଦେଇଥିଲେ। ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ ଓ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଶତ୍ରୁଘ୍ନ ନନ୍ଦ କବିତା ଆବୃତ୍ତି କରିଥିଲେ। ଏହି ଦିବସ ଉପଲକ୍ଷେ ଆୟୋଜିତ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ସକାଳେ ବାଜିଚୌକଠାରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରାକୁ ଜିଲାପାଳ ଶୁଭାରମ୍ଭ କରିଥିଲେ। ସାଢେ ୭ଟାରେ ବସଷ୍ଟାଣ୍ଡ ନିକଟସ୍ଥ ଗାନ୍ଧୀପାର୍କଠାରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ।

# ୧୨୦ ହିତାଧିକାରୀଙ୍କ ଗୃହ ପ୍ରବେଶ

**ପରଜଙ୍ଗ, ୨।୧୦(ଡି.ଏନ.ଏ)**



ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକର ୨୯ଟି ପଞ୍ଚାୟତରେ ବୁଧବାର ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ୧୨୦ ହିତାଧିକାରୀ ଗୃହ ପ୍ରବେଶ କରିଛନ୍ତି। କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀମାନେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରି ଗାନ୍ଧୀ ଜୟନ୍ତୀ ଦିନ ଗୃହ ପ୍ରବେଶ କରିବାକୁ ରାଜ୍ୟ ସରକାର ସ୍ଥିର କରିଥିଲେ। ଏହି ଅବସରରେ ସ୍ଥାନୀୟ ବିଧାୟକ ଡ. ନୃସିଂହ ଚରଣ ସାହୁ ଡିହଡୋଳ ଗ୍ରାମରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଘର ସମ୍ପୂର୍ଣ୍ଣ ସାରିଥିବା ମମତା ବାରିକଙ୍କ ନୂତନ ଗୃହ ଉଦ୍‌ଘାଟନ କରିଥିଲେ। ବିଡ଼ିଓ ବସନ୍ତ କୁମାର ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ଉପାଧ୍ୟକ୍ଷ କୁମାର ଲେଙ୍କା, ବିଜେଡି ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ସରପଞ୍ଚ ପ୍ରିୟଜିତ ସାମଲ, ସମିତିସଭ୍ୟ ମୀନକେତନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଅନ୍ୟ ପଞ୍ଚାୟତରେ ଘର ନିର୍ମାଣ ସାରିଥିବା ହିତାଧିକାରୀଙ୍କୁ ବ୍ଲକର ଅନ୍ୟ ସରକାରୀ କର୍ମଚାରୀଙ୍କ ଉପସ୍ଥିତିରେ ଗୃହ ପ୍ରବେଶ କରାଯାଇଥିଲା। ମୋଟ ୧୨୦ ହିତାଧିକାରୀ ଗୃହ ପ୍ରବେଶ କରିଥିବା ବିଡିଓ ସୂଚନା ଦେଇଛନ୍ତି।

## ଫଟୋରେ ଖବର


ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ଗାନ୍ଧୀମନ୍ଦିରଠାରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି।

# ସଂକଳ୍ପ ଯାତ୍ରାରେ ଗାନ୍ଧୀଙ୍କ ବାର୍ତ୍ତା

**ଢେଙ୍କାନାଳ ଅଫିସ,୨।୧୦**


ଢେଙ୍କାନାଳ ଭାଜପା ପକ୍ଷରୁ ଗାନ୍ଧୀ ସଂକଳ୍ପ ଯାତ୍ରା।

ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ତାଙ୍କର ନୀତି, ଆଦର୍ଶ ତଥା ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଢେଙ୍କାନାଳ ଭାଜପା ତରଫରୁ ଏକ ପଦଯାତ୍ରା ଆୟୋଜନ କରାଯାଇଥିଲା। ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଭାଜପାର କାର୍ଯ୍ୟକର୍ତ୍ତାମାନେ ଜାତୀୟ ପତାକା ଓ ସ୍ୱଚ୍ଛ ଭାରତ ପ୍ଲା କାର୍ଡ ଧରି ଏକ ପଦଯାତ୍ରାରେ ସହର ପରିକ୍ରମା କରିଥିଲେ । ଜିଲା ଉପସଭାପତି ନବ କିଶୋର ଗୁରୁଙ୍କ ପୌରୋହିତ୍ୟରେ ଏକ ପଥପ୍ରାନ୍ତ ସଭା ଆୟୋଜନ କରାଯାଇଥିଲା। ରାଜ୍ୟସଭା ପୂର୍ବତନ ସଦସ୍ୟ ରୁଦ୍ର ନାରାୟଣ ପାଣି, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇ ଗାନ୍ଧିଜୀଙ୍କ ସ୍ୱଦେଶୀ, ସ୍ୱଚ୍ଛତା, ସ୍ୱରାଜ, ସ୍ୱାବଲମ୍ବୀ, ନିଶା ନିବାରଣ, ଜଳ ସଂରକ୍ଷଣ ନୀତି ଓ ସରଳ ଜୀବନଯାପନ ଉପରେ ଆଲୋକପାତ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ପ୍ଲାଷ୍ଟିକ୍ ବର୍ଜନ କରି ପରିବେଶକୁ ସ୍ୱଚ୍ଛ ରଖିବାକୁ ସଂକଳ୍ପ ନେବା ପାଇଁ ଅନୁରୋଧ କରିଥିଲେ । ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲା ଉପସଭାପତି ରତିକାନ୍ତ ସାହୁ, ଜିଲା ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ଲେଙ୍କା, ନଗର ମଣ୍ଡଳ ସଭାପତି ନିରୋଦ କୁମାର ସାହୁ, ଉପସଭାପତି ଅଜୟ କୁମାର ଭଞ୍ଜ, ସାଧାରଣ ସମ୍ପାଦକ ଧ୍ରୁବଚରଣ ସ୍ୱାଇଁ, ଯୁବମୋର୍ଚ୍ଚା ସମ୍ପାଦକ ସୌମ୍ୟ ରଞ୍ଜନ ମହାପାତ୍ର, ନଗରମଣ୍ଡଳ ଯୁବ ସଭାପତି ପ୍ରଦ୍ୟୁମ୍ନ କୁମାର ସାହୁ, ମହିଳାମୋର୍ଚ୍ଚା ସମ୍ପାଦିକା ସସ୍ମିତା ସାମଲ, ମାନସ ହୋତା, ସନ୍ତୋଷ କୁମାର ମିଶ୍ର, ମାନସ ରଞ୍ଜନ ପାତ୍ର, ଲଳିତ ଦାସ, ଶତ୍ରୁଘ୍ନ ରାଉତ, ଜୟକୃଷ୍ଣ ସାହୁ, ନିରଞ୍ଜନ ଦାସଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସାମିଲ ଥିଲେ। ପୂର୍ବତନ କାଉନ୍‌ସିଲର ସନ୍ତୋଷ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବଜ୍ରପାତରେ ଯୁବକ ମୃତ

**କାମାକ୍ଷାନଗର,୨।୧୦(ଡି.ଏନ.ଏ):** ଢେଙ୍କାନାଳ ଜିଲା କଙ୍କଡାହାଡ ଥାନା ମକୁଆକାଟେଣୀ ପଞ୍ଚାୟତ ବାଘବସା ତଳସାହି ଗ୍ରାମର ନବ ପଧାନ(୩୨) ବୁଧବାର ବଜ୍ରପାତରେ ପ୍ରାଣ ହରାଇଛନ୍ତି। ସେ ଘର ବାରଣ୍ଡାରେ ବସିଥିବାବେଳେ ବଜ୍ରପାତ ହୋଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ

**ଢେଙ୍କାନାଳ ଅଫିସ,୨।୧୦:** ଢେଙ୍କାନାଳ କ୍ରୀଡ଼ା ସଂଘ ଓ ପ୍ରଶାସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମଠାରେ ଚାଲିଥିବା ପ୍ରଥମ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ପ୍ରତିଯୋଗିତାର ପ୍ରଥମ ସେମି ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ କଟକ ୨-୧ ଗୋଲରେ ସ୍ପୋର୍ଟସ୍ ହଷ୍ଟେଲ ସମ୍ବଲପୁରକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ରାଇଜିଂ ଷ୍ଟୁଡେଣ୍ଟ ଦଳର ରେଣ୍ଟା ମୁର୍ମୁ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷିତ ହୋଇ ସଂଘର ବରିଷ୍ଠ ସଭ୍ୟ ଅଜୟ କୁମାର ପଟ୍ଟନାୟକଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ରେଫରି ଜ୍ୟୋତି ରଞ୍ଜନ ସ୍ୱାଇଁ, ଆଶୀର୍ବାଦ କାନୁନଗୋ, ମହାବୀର ନାଥ, ଅନିଲ କୁମାର ନନ୍ଦ ଓ ମ୍ୟାଚ କମିଶନର ମାୟାଧର ସାହୁ ମ୍ୟାଚ ପରିଚାଳନା କରିଥିଲେ। ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।

■ବିଭିନ୍ନ ସ୍ଥାନରେ ଗାନ୍ଧୀ ଜୟନ୍ତୀ ପାଳିତ

# ଆଦର୍ଶରେ ଅନୁପ୍ରାଣିତ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ


କଣିହାଁ ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଅତିଥି ଓ ଛାତ୍ରୀଛାତ୍ରମାନେ।

**ବଇଣ୍ଡା/ ପାଲଲହଡ଼ା/ କଣିହାଁ/ ଆଠମଲ୍ଲିକ, ୨।୧୦(ଡି.ଏନ.ଏ)**

ଆଚରଣ ଓ ଉଚ୍ଚାରଣ ମଧ୍ୟରେ ସାମଞ୍ଜସ୍ୟ ରକ୍ଷା କରିବା ହିଁ ଥିଲା ଗାନ୍ଧିଜୀଙ୍କ ବୈଶିଷ୍ଟ୍ୟ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାକୁ କାର୍ଯ୍ୟରେ ପ୍ରତିଫଳିତ କରିବା ହିଁ ହେଉଛି ଗାନ୍ଧିଜୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ବୁଧବାର କିଶୋରନଗର ବ୍ଲକ ବାମୁରଠାରେ ମହାତ୍ମାଗାନ୍ଧୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜନ୍ମଜୟନ୍ତୀ ଅବସରରେ ଯୋଗଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଟ୍ରଷ୍ଟ ସମ୍ପାଦକ ଗୋକୁଳାନନ୍ଦ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ମୁଖ୍ୟବକ୍ତା ଭାବେ ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ବିଡିଓ ଅମୃତା ପ୍ରିୟମ୍ବଦା, ତହସିଲଦାର ଡ. ଲକ୍ଷ୍ମୀପ୍ରସାଗ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କିଶୋରନଗର କଲେଜର ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ, ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି, ଜୟକୃଷ୍ଣ ପ୍ରଧାନ ଉପସ୍ଥିତ ଥିଲେ। ଉଦ୍ୟାନ ବିଭାଗ, ସ୍ୱୟଂ ସହାୟକ ଗୋଷ୍ଠୀ, ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ଗ୍ରାମବାସୀ ଯୋଗ ଦେଇଥିଲେ।

ସେହିପରି ପାଲଲହଡା ଉପଖଣ୍ଡରେ ଉପଖଣ୍ଡସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଶରତ ଚନ୍ଦ୍ର କ୍ଲବଠାରେ ଗାନ୍ଧିଜୀଙ୍କ ଜୀବନୀ ଉପରେ ଏକ ସ୍ମୃତିସଭା ଆୟୋଜନ କରାଯାଇଥିଲା। ଏଥିରେ ବିଡିଓ ତ୍ରିବିକ୍ରମ କୁମୁରା, ଅତିରିକ୍ତ ତହସିଲଦାର ସୁମନ ମିଞ୍ଜ, ଅତିରିକ୍ତ ବିଡିଓ ଏସ. ନୈବେଦ୍ୟ ଲଲାଟେନ୍ଦୁ, ସହକାରୀ ଜିଲାପାଳ ବ୍ରୁସିୟସ ଡୁଙ୍ଗଡୁଙ୍ଗ, ବ୍ଲକ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପରିଡାଙ୍କ ସହ ବହୁ ଅଧିକାରୀ ଯୋଗ ଦେଇଥିଲେ। ସେହିପରି ପାଲଲହଡା ଭାଜପା ପକ୍ଷରୁ ଗାନ୍ଧୀ ସଂକଳ୍ପ ଯାତ୍ରା ଅବସରରେ ଖମାର କଲେଜ ପଡିଆଠାରୁ ଅଶୋକ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଅଞ୍ଚଳରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଖମାର ମଣ୍ଡଳ ସଭାପତି ଗୌରଚନ୍ଦ୍ର ପ୍ରଧାନ, ପାଲଲହଡା ମଣ୍ଡଳ ସଭାପତି ନିଳାମ୍ବର ପ୍ରଧାନ, ଜିଲାପରିଷଦ ସଭ୍ୟା ବସନ୍ତ ମଞ୍ଜରୀ ପ୍ରଧାନଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ। ସେହିପରି କଣିହାଁ ସ୍ଥିତ ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। ଅତିଥିଭାବେ କଣିହାଁ ତହସିଲଦାର ଅଶୁଂମାନ ଶତପଥୀ, ବିଡିଓ ରମେଶ କୁମାର ଜେନା, ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ଟ୍ରଷ୍ଟ ସଭାପତି ସୁନୀଲ କୁମାର ପ୍ରଧାନ, ସମ୍ପାଦକ ଆଲୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଠମଲ୍ଲିକରେ ମହାତ୍ମାଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ଏନ୍‌ଏସି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ, ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ରବିନ୍ ଦାସ, ସାମ୍ବାଦିକ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସର୍ବେଶ୍ୱର ମଲ୍ଲିକ ପ୍ରମୁଖ ଯୋଗଦେଇ ଗାନ୍ଧୀପାର୍କ ସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।


ଆଠମଲ୍ଲିକ ଏନଏସି ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ଆୟୋଜିତ ସଫେଇ କାର୍ଯ୍ୟକ୍ରମ।


ବାମୁରଠାରେ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ବିଧାୟକଙ୍କ ସମେତ ଅନ୍ୟମାନେ।

# ଗାନ୍ଧୀଙ୍କ ନାମରେ ନାମିତ ହେଲା ରାସ୍ତା

**ଢେଙ୍କାନାଳ ଅଫିସ,୨।୧୦**

ଢେଙ୍କାନାଳ ବସଷ୍ଟାଣ୍ଡଠାରୁ ଜିଲା କାର୍ଯ୍ୟାଳୟ ଦେଇ ଗଣେଶ ବଜାର ଛକ ପର୍ଯ୍ୟନ୍ତ ଯାଇଥିବା ପ୍ରମୁଖ ରାସ୍ତାକୁ ବୁଧବାର ଗାନ୍ଧୀ ଜୟନ୍ତୀ ଅବସରରେ ମହାତ୍ମା ଗାନ୍ଧୀଙ୍କ ନାମରେ ନାମିତ କରାଯାଇଛି। ଏ ନେଇ ପୂର୍ତ୍ତ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସକାଳ ସାଢେ ୭ଟାରେ ଗାନ୍ଧୀପାର୍କଠାରେ ଜିଲାପାଳ ଭୂମେଶଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ପିଡି ଡିଆରଡିଏ ନରୋତ୍ତମ ବେହେରା, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ଉପସ୍ଥିତ ଥିଲେ।


ମହାତ୍ମା ଗାନ୍ଧୀ ମାର୍ଗ ଉଦ୍‌ଘାଟିତ।

# ବିଜେଡିର ସଭ୍ୟ ପଞ୍ଜୀକରଣ ଓ ପଦଯାତ୍ରା




**ପରଜଙ୍ଗ,୨।୧୦(ଡି.ଏନ.ଏ)**

ପରଜଙ୍ଗ ନିର୍ବାଚନ ମଣ୍ଡଳୀ ବିଜେଡି ତରଫରୁ ବୁଧବାର ସଭ୍ୟ ପଞ୍ଜିକରଣ ଅଭିଯାନ ଓ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା ଡିହଡୋଳ ଠାରୁ ବାହାରି ବୃନ୍ଦାବନପୁର ଦେଇ ପରଜଙ୍ଗ ବଜାରରେ ପହଞ୍ଚିଥିଲା। ସେଠାରେ ସୁବହୁସିଂହଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ଶତାଧିକ କର୍ମୀ ଏକ ବାଇକ ରାଲିରେ ବାହାରି ପାଣିପାଞ୍ଚାୟତ ସଭାଗୃହଠାରେ ପହଞ୍ଚି ଥିଲେ। ଏହି ଅବସରରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ନୃସିଂହ ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ପୂର୍ବତନ ଜିଲାପରିଷଦ ସଭ୍ୟ ନିରାକାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ବିଳାସିନୀ ସେଠୀ, ଯୁବ ନେତା ତପୁନ ସାମଲ, ଗୁଡୁ ଦଳବେହେରା, ବିଜୁ ସାମଲ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। କଙ୍କଡାହାଡ଼ ବ୍ଲକ ସଭାପତି କାର୍ତ୍ତିକ ସାହୁ ସଭାପତିତ୍ୱ କରିଥିଲେ।

# ବନ୍ୟ ଜୀବନ ସପ୍ତାହ ପାଳିତ

**ଛେଣ୍ଡିପଦା,୨।୧୦(ଡି.ଏନ.ଏ):**

ଛେଣ୍ଡିପଦା ଫରେଷ୍ଟ ରେଞ୍ଜ ବଡକେରେଜାଙ୍ଗ ତେନ୍ତୁଳି ସାହି ବନ ସୁରକ୍ଷା ସମିତି ତଥା ଅନୁଗୋଳ ପ୍ରକୃତି ପରିବେଶ ଓ ବନ୍ୟ ଜୀବନ ସମିତି ମିଳିତ ଆନୁକୂଲ୍ୟରେ ବୁଧବାର ବନ୍ୟ ଜୀବନ ସପ୍ତାହ ପାଳିତ ହୋଇଛି। ବନ ସୁରକ୍ଷା ସମିତି ସଭାପତି ଦୁଃଶାସନ ସାହୁଙ୍କ ପୌରୋହିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ଅଭିବୃଦ୍ଧି, ଜଙ୍ଗଲ ସୁରକ୍ଷା, ବନ୍ୟପ୍ରାଣୀଙ୍କ ସୁରକ୍ଷା ଆଦି ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ସରପଞ୍ଚ ସୂର୍ଯ୍ୟକାନ୍ତ ନାଏକ ଯୋଗଦେଇଥିଲେ। ନ୍ୟୁଜ ସଙ୍ଗଠନ ଟିମ ଲିଡର ଅଭୟ କୁମାର ଗାହାଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିକାଶ ଅଧିକାରୀ ମନୋରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ।

## ଫଟୋରେ ଖବର


ଢେଙ୍କାନାଳ ସହର ଜୁବୁଲିଟାଉନସ୍ଥିତ କନକଦୁର୍ଗାଙ୍କ ପୀଠରେ ନବରାତ୍ର ଉପଲକ୍ଷେ ବୁଧବାର ମା'ଙ୍କର ଶ୍ରୀଅନ୍ନପୂର୍ଣ୍ଣା ଦେବୀ ବେଶ।

# ସ୍ୱାଧୀନତା ସଂଗ୍ରାମୀଙ୍କୁ ଭେଟିଲେ ଜିଲାପାଳ

**କଣିହାଁ,୨।୧୦(ଡି.ଏନ.ଏ)**

ସ୍ୱାଧୀନତା ସଂଗ୍ରାମୀ ତଥା ତାଳଚେର ଗଡ଼ଜାତ ଆନ୍ଦୋଳନର ସୈନିକ କଂସମୁଣ୍ଡା ଗ୍ରାମର ବିଚ୍ଛନ୍ଦଚରଣ ପ୍ରଧାନଙ୍କୁ ବୁଧବାର ସନ୍ଧ୍ୟାରେ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ତାଙ୍କ ବାସଭବନକୁ ଆସି ଭେଟିଛନ୍ତି। ଏହି ଅବସରରେ ଜିଲା ପ୍ରଶାସନ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସଂଗ୍ରାମୀଙ୍କ ଅବଦାନକୁ ନେଇ ତାଙ୍କ ନାମରେ ପାଠାଗାର ସହିତ ପାଣ୍ଡୁଲିପିର ପ୍ରକାଶ ଦିଗରେ ଜିଲା ସଂସ୍କୃତି ଓ ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ, ବିଡିଓ ରମେଶ କୁମାର ଜେନାଙ୍କୁ ଜିଲାପାଳ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ବହୁ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ଥିଲେ।


ଜିଲାପାଳ (ବାମ) ସଂଗ୍ରାମୀ ବିଚ୍ଛନ୍ଦଚରଣ ପ୍ରଧାନ(ବାମରୁ ଦ୍ୱିତୀୟ)ଙ୍କୁ ଭେଟୁଛନ୍ତି।

# ବିନା ପରମିଟ୍‌ରେ ଚାଲୁଥିବା ସ୍କୁଲ ବସ୍ ଜବତ

**ଢେଙ୍କାନାଳ ଅଫିସ, ୨।୧୦**

ଢେଙ୍କାନାଳ ଜିଲା ଗୋବିନ୍ଦପୁର ଅଞ୍ଚଳର ଜଣେ ମହିଳାଙ୍କ ନାମରେ ଥିବା ସ୍କୁଲ ବସ୍ ବିନା ପରମିଟରେ ଚାଲୁଥିବା ଅଭିଯୋଗରେ ଆଞ୍ଚଳିକ ପରିବହନ ଅଧିକାରୀ ଓ କର୍ମଚାରୀମାନେ ଏହାକୁ ଜବତ କରିଛନ୍ତି। ଏ ବାବଦରେ ୨୨ହଜାର ଟଙ୍କା ଜରିମାନା କରାଯାଇଛି। ଘଟଣା ପରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ପରମିଟ ଏବଂ ସୁରକ୍ଷା ବ୍ୟବସ୍ଥା ନ ଥିବା ସତ୍ତ୍ୱେ ବସ୍‌କୁ କିପରି ସ୍କୁଲ ପିଲାଙ୍କୁ ନେବା ଆଣିବା ପାଇଁ ବ୍ୟବହାର କରାଯାଉଥିଲା ସେ ସମ୍ପର୍କରେ ଉତ୍ତର ରଖିବା ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ନୋଟିସ ଜାରି କରାଯାଇଛି।

ଏହି ଘଟଣା ନଜରକୁ ଆସିବା ପରେ ବିଭିନ୍ନ ସ୍କୁଲରେ ଚାଲୁଥିବା ସ୍କୁଲ ବସ୍ ଗୁଡିକୁ ଯାଞ୍ଚ ପାଇଁ କାର୍ଯ୍ୟାଳୟ ପକ୍ଷରୁ ତତ୍ପରତା ଦେଖାଯାଇଛି। ଏପରିକି ଖୋଦ ବିଭାଗୀୟ କାର୍ଯ୍ୟାଳୟରେ ଭଡା ସୂତ୍ରରୁ ଲାଗିଥିବା ଏକ ବୋଲେରୋର ମାଲିକାନା ବାବଦରେ ଅଧିକାରୀଙ୍କୁ ଜଣା ନ ଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏ ସମ୍ପର୍କରେ ଖୋଳତାଡ କରି ମାଲିକଙ୍କ ସମ୍ପର୍କରେ ଅବଗତ ହେବାପରେ ଆଞ୍ଚଳିକ ପରିବହନ ଅଧିକାରୀ ତାଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାପାଇଁ ନୋଟିସ ଜାରି କରିଥିବା ସୂଚନା ଦିଆଯାଇଛି। ଏଥିସହିତ ବୁଧବାର କାର୍ଯ୍ୟାଳୟ ନିକଟରେ ଥିବା ସମସ୍ତ ଦୋକାନ ଏବଂ ଚାଳିଆକୁ ଜିଲାପାଳଙ୍କ ନିର୍ଦ୍ଦେଶରେ ଉଚ୍ଛେଦ କରାଯାଇଛି। ଅପରାହ୍ନରେ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନଙ୍କ ସୁବିଧା ପାଇଁ ୨ଟି ନୂତନ ସୂଚନା କିଓସ୍କ ମେଶିନ ଲଗାଯାଇଛି। ଏହାର ମୂଲ୍ୟ ପ୍ରାୟ ଦେଢଲକ୍ଷ ଟଙ୍କା ହେବ। ଏହି କିଓସ୍କ ସାହାଯ୍ୟରେ ଯେଉଁମାନେ ଲାଇସେନ୍ସ କିମ୍ବା ଗାଡି ପଞ୍ଜିକରଣ ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଆବେଦନ କରିଥିବେ ଏହାର ସ୍ଥିତି ସମ୍ପର୍କରେ ଜାଣିପାରିବେ। ଏପରିକି ଲାଇସେନ୍ସ ପାଇଁ ମଧ୍ୟ ଆବେଦନ କରିବାର ସୁବିଧା ରହିଛି ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀବସ୍ତ ଦଳେଇ ସୂଚନା ଦେଇଛନ୍ତି। ପ୍ରାୟ ୪ ମାସ ତଳେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଏହି ମେଶିନ ସ୍ଥାପନ ହେବା କଥା। ସେହିପରି ବର୍ତ୍ତମାନ ସୁଦ୍ଧା ଜିଲାରେ ଲର୍ଣ୍ଣିଂ ଲାଇସେନ୍ସ ୧୨୦୫୬ ଜଣ ଆବେଦନ କରିଥିବା ବେଳେ ୪୦୧୧ ଜଣଙ୍କୁ ପ୍ରଦାନ କରାଯାଇଛି। ଡ୍ରାଇଭିଂ ଲାଇସେନ୍ସ ପାଇଁ ୧୯୬୨୯ଜଣ ଆବେଦନ କରିଥିବା ବେଳେ ୧୪୪୯ ଜଣଙ୍କୁ ପ୍ରଦାନ କରାଯାଇଥିବା ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।




■ଆରଟିଓ ଅଫିସ ପାଖରୁ ଦୋକାନ ଉଠିଲା

■ଲୋକଙ୍କ ସୁବିଧା ପାଇଁ ଲାଗିଲା ୨ଟି ସୂଚନା କିଓସ୍କ

# ବିଜେଡିର ଜନ ସମ୍ପର୍କ ପଦଯାତ୍ରା


ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବିଧାୟକଙ୍କ ସମେତ ବିଜେଡି କାର୍ଯ୍ୟକର୍ତ୍ତା।

**ପାଲଲହଡା,୨।୧୦(ଡି.ଏନ.ଏ)**

ପାଲଲହଡା ବ୍ଲକ ବିଜେଡି ପକ୍ଷରୁ ବୁଧବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଲ ଯୋଗ ଦେଇଥିଲେ। ପ୍ରଥମେ ବିଧାୟକ ପାଲ ସଦରମହକୁମାଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ବସ୍‌ଷ୍ଟାଣ୍ଡଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇଥିଲେ। ସେଠାରେ ଏକ ପଥପ୍ରାନ୍ତ ସଭା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଲଳିତ ମୋହନ ପ୍ରଧାନ, ବିଜେଡି ରାଜ୍ୟ ସମ୍ପାଦକ ମନୋଜ କୁମାର ସାହୁ, ପୂର୍ବତନ ଜିଲାପରିଷଦ ସଭ୍ୟ ଗଙ୍ଗାଧର ଜିତ ପ୍ରମୁଖ ସାମିଲ ହୋଇଥିଲେ।

